ମେଟ୍ରୋ ଧରିତ୍ରୀ

# ଜେନେସିସ୍ 2010ରେ ଛୁଇଁଲା ବୀନିତ୍‌ଙ୍କ ଯାଦୁ

ଭୁବନେଶ୍ୱର,27-2(ବ୍ୟୁରୋ)–ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟ ଅଧିନରେ ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନିକାଲ୍ ଏଜୁକେଶନ୍ ଆଣ୍ଡ୍ ରିସର୍ଚ୍ଚ (ଆଇଟିଇଆର୍)ର ବାର୍ଷିକୋତ୍ସବ ଜେନେସିସ୍ 2010 ଉଦ୍‌ଯାପିତ ହୋଇଯାଇଛି । ଏଥିରେ ସାରେଗାମାପାର ବିନୀତ୍‌ଙ୍କ ଷ୍ଟାର ନାଇଟ୍ ବେଶ୍ ଆକର୍ଷଣୀୟ ରହିଥିଲା । ବିନୀତ୍‌ଙ୍କ ଯାଦୁ ସମଗ୍ର କ୍ୟାମ୍ପସରେ ଛାଇଯାଇଥିଲା । ଲାଗୁଥିଲା ସତେ ଯେମିତି ସମସ୍ତେ ବୀନିତ୍‌ଙ୍କ ସଂଗୀତରେ ତାଳେତାଳେ ମତୁଆଲା ହୋଇଯାଇଛନ୍ତି । ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜସ୍ୱ କମିଶନର ତଥା ସଚିବ ଆର୍.କେ. ଶର୍ମା ଛାତ୍ରୀଛାତ୍ରମାନଙ୍କୁ ଜଣେ ଜଣେ ଇଞ୍ଜିନିୟର ହେବା ପୂର୍ବରୁ ଜଣେ ଭଲ ମଣିଷ ହେବାକୁ ପରାମର୍ଶ ଦେଇଥିଲେ । ସଂସ୍କୃତି ସମାଜରେ ପରିବର୍ତ୍ତନ ଆଣିଥାଏ । ତେଣୁ ସମସ୍ତେ ଦେଶ ଓ ଜାତିର ସଂସ୍କୃତି ପ୍ରତି ସଚେତନ ହେବାକୁ ସେ ଆହ୍ୱାନ ଦେଇଥିଲେ । ଏଥିରେ ଅନ୍ୟମାନଙ୍କ ମଧ୍ୟରେ ସମ୍ମାନୀତ ଅତିଥି ଭାବେ ଆଦାନୀ ଗ୍ରୁପର ସଭାପତି (ଏଚ୍‌ଆର୍) ପ୍ରଦିପ୍ତ ପଣ୍ଡା, ଅତିରିକ୍ତ ଡିନ୍ ଆର୍.କେ. ହୋତା, ଉଚ୍ଚ ଶିକ୍ଷା ବିଭାଗର ଟାସ୍କ ଫୋର୍ସ ଅଧ୍ୟକ୍ଷ ପଦ୍ମଶ୍ରୀ ତ୍ରିଲୋଚନ ପ୍ରଧାନ ଏବଂ ଆଇଟି ଇଆର୍‌ର ଡେପୁଟି ଚେୟାରମ୍ୟାନ୍ ପ୍ରଫେସର ବି.କେ. ସରାଫ ପ୍ରମୁଖ ଉପସ୍ଥିତ ଥିଲେ ।